# ଗପ ଅଗପ

ଚିତ୍ତରଞ୍ଜନ ଦାସ



ଖୁସିରେ ପଢ଼ିବା ଅଭିଯାନ

ଭାରତ ଜ୍ଞାନ ବିଜ୍ଞାନ ସମିତି

ଗପ ଅଗପ

ଲେଖକ : ପ୍ରଫେସର ଚିତ୍ତରଞ୍ଜନ ଦାସ

ଅଙ୍କନ : ଗୌରୀ ଶଙ୍କର ବେହେରା

ପ୍ରକାଶକ : ଭାରତ ଜ୍ଞାନ ବିଜ୍ଞାନ ସମିତି
ସି-୨ ହାଉସିଂ ବୋର୍ଡ଼୍ କଲୋନୀ,
ବରମୁଣ୍ଡା ଭୁବନେଶ୍ୱର-୭୫୧୦୦୩
ଫୋନ୍- (୦୬୭୪) ୪୭୦୮୯୧

ଅଙ୍ଗସଜ୍ଜା : କୋଣାର୍କ ଡାଟା ପ୍ରୋସେସିଂ, ଭୁବନେଶ୍ୱର

ମୁଦ୍ରଣ : ପଦ୍ମାକମର୍ସିଆଲ, ଭୁବନେଶ୍ୱର

ମୂଲ୍ୟ : ତିନି ଟଙ୍କା

ପ୍ରକାଶ କାଳ : ଜାନୁଆରୀ ପହିଲା - ୧୯୯୭

ଏହି ପୁସ୍ତିକାଟି 'ଖୁସିରେ ପଢ଼ିବା ଅଭିଯାନ' (Jan Vachan Andolan) ପାଇଁ ପ୍ରସ୍ତୁତ କରାଯାଇଛି । ଓଡ଼ିଶାର ଗାଁ ଗହଳିର ଲୋକଙ୍କର ପଠନ ରୁଚିକୁ ତେଜିବା ସାଙ୍ଗକୁ ଏକ ପାଠାଗାର ଆନ୍ଦୋଳନ ଚଳାଇବାପାଇଁ ସମିତି ତରଫରୁ ଏହା ଏକ ଦେଶବ୍ୟାପୀ ଉଦ୍ୟମ ।

• **Gapa Agapa** • Writer: Prof. Chitta Ranjan Das • Illustration: Gouri Shankar Behera • Published by **Bharat Gyan Vigyan Samiti**, Orissa for **Jan Vachan Andolan** • Price: Rs. 3.00 • Publication period: Ist January 1997

# ବଲାଇର ଆତ୍ମକଥା

ଅନୁଗୁଳ ହାଟରେ ମୋତେ ଆପଣ ନିଶ୍ଚୟ ଅନେକଥର ଦେଖିଥିବେ । ହାଟର ଭିଡ ଭିତରୁ ମୋତେ ଖୋଜି ବାହାର କରିବାକୁ ଆପଣଙ୍କୁ କଦାପି ଅଧିକ ସମୟ ଲାଗି ନ ଥିବ । ମୋ'ର ବେଶରୁ ମଧ୍ୟ ଆପଣ ମୋତେ ଅତି ସହଜରେ ଚିହ୍ନିପାରିବେ । ସାଧାରଣତଃ ମୁଁ ଖଣ୍ଡେ ମଇଳା ଅଧାପ୍ୟାଣ୍ଟ ପିନ୍ଧିଥିବି, ମୋର ଦେହରେ ଖଣ୍ଡେ ମଇଳା ଚିରା ଗେଞ୍ଜି ରହିଥିବ । ଗୋଟିଏ ଟିଣବାକ୍ସ କାନ୍ଧରେ ପକାଇ ମୁଁ ଚେନାଚୂର୍ ବିକ୍ରୟ କରି ବୁଲୁଥିବି । ମୋ' ହାତରେ ଗୋଟିଏ ପିତଳ ଘଣ୍ଟି ଠନ୍ ଠନ୍ ହୋଇ ବାଜୁଥିବ । ତେଣୁ ରାସ୍ତା ଉପରେ ଠିଆହୋଇ ହାଟ ଭିତରକୁ ଅନାଇଲେ ମୋର ଘଣ୍ଟି ଶବ୍ଦରୁ ଆପଣ ମୋତେ ଅବଶ୍ୟ ଠଉରାଇ ପାରିବେ ।



ଏହି ଘଣ୍ଟିଶବ୍ଦଟା ହେଉଛି ମୋର ସର୍ବପ୍ରଧାନ ଆକର୍ଷକ । ହାଟ ଭିତରେ ଏହି ଘଣ୍ଟିଟାକୁ ବଜାଇ ବଜାଇ ଯେତେବେଳେ ମୁଁ ବାବୁମାନଙ୍କ ପାଖରେ ଯାଇ ଛିଡା ହୋଇଯାଏ, ସେତେବେଳେ ଅତି ସରାଗରେ ବାବୁମାନେ

ପଇସା ବାହାର କରି ମୋ' ଠାରୁ ଚେନାଚୂର କିଣି ଖାଆନ୍ତି । ମୋର ଘଣ୍ଟିଶବ୍ଦ ଶୁଣି ଅତି କୃପଣର ମଧ୍ୟ ହୃଦୟ ତରଳିଯାଏ । ତା' ପରେ ପିଲାମାନଙ୍କର ଆନନ୍ଦ ଆଉ ଦେଖିବ କିଏ ? କାହା ପାଖରେ ଅଣାଏ ଥାଏ, କାହା ପାଖରେ ଦୁଇଅଣା ଥାଏ । ସମସ୍ତେ ଆସି ମୋ ଟିଣ ଚାରିପାଖରେ ରୁଣ୍ଡ ହୋଇଯାଆନ୍ତି । ଦଶ ପଇସା ନେଇ ସେମାନଙ୍କୁ ମୁଁ ବସ୍ତାଏ ବସ୍ତାଏ ଚେନାଚୂର ଧରାଇଦିଏ । ଚକ୍‌ଚକ୍ କାଗଜକୁ କେତେ ଯତ୍ନରେ ବସ୍ତାଟିଏ ପରି କରି ସେହିଥିରେ ମୁଁ ଚେନାଚୂର ବାନ୍ଧି ରଖିଥାଏ । ଆପଣ ଯେତେ ରଙ୍ଗର କାଗଜ ଖୋଜିବେ ମୋ ପାଖରେ ସେତେ ରଙ୍ଗର କାଗଜ ମିଳିବ ।

ଧରାପରା ହୋଇ ପିଲାମାନେ ଚେନାଚୂର ଖାଇବାରେ ଲାଗନ୍ତି । ସେମାନଙ୍କର ଆନନ୍ଦ ଦେଖୁ ଦେଖୁ ମୁଁ ଭାବେ, ଖେଳଛୁଟି ଏବଂ ମୋର ଚେନାଚୂର୍ ପାଇଁ ଯେପରି ସେମାନେ ଦୀର୍ଘ ତିନିଘଣ୍ଟାକାଳ ଅପେକ୍ଷା କରି ରହିଥିଲେ । ସେମାନଙ୍କର ଦେହଟା ସିନା ସ୍କୁଲ ଘରଭିତରେ ଥିଲା, କିନ୍ତୁ ମନଟା ଉଡି ବୁଲୁଥିଲା ଖେଳଛୁଟି ଆଉ ଚେନାଚୂରର୍ ଚିନ୍ତା ଭିତରେ । ମନେ ମନେ ମୁଁ ପାଠପଢା ଆଉ ଖେଳଛୁଟି ଗୋଟିଏ ନିକିତିରେ ଓଜନ କରିବସେ । ମୋର ଚେନାଚୂରକୁ ମଧ୍ୟ ମୁଁ ଖେଳଛୁଟି ସହିତ ଏକ ଡାଲାରେ ରଖିଦିଏ । ମୁଁ ଭାବୁଥାଏ, ପିଲାମାନେ ମୁଠାମୁଠା ପଇସା ଦେଇ ପାଠ ପଢ଼ିବାକୁ ଆସୁଛନ୍ତି, କିନ୍ତୁ ମୋର ଚେନାଚୂର ବସ୍ତାର ଦାମ୍ ତ ମୋଟେ ଦଶ ପଇସା । ତେବେ ଏହି ଦଶ ପଇସାର ଆନନ୍ଦ ଏତେ ପଇସାର ପାଠପଢ଼ାର ଆନନ୍ଦକୁ ବଳି ପଡୁଛି କିପରି ?

ଆମ ଘରକଥା ଆପଣଙ୍କୁ ଶୁଣାଇଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଆମ ଘରର ବାପା, ମାଆ ଓ ଆମେ ତିନିଜଣ ଭାଇଭଉଣୀ । ବାପା ସବୁବେଳେ କୌଣସି ନା କୌଣସି ରୋଗରେ ପଡ଼ିଥାନ୍ତି । ତାଙ୍କୁ ଆପଣ ଅକର୍ମଣ୍ୟ ବୋଲି କହିପାରନ୍ତି । ବୁଢ଼ା ହେବାର ବୟସ ନ ହୋଇ ଥିଲେ ମଧ୍ୟ ସେ ବୁଢ଼ାଙ୍କ ପରି ଦେଖାଯାନ୍ତି । ଦାରିଦ୍ର୍ୟ ଏହିପରି ଭାବରେ ମଣିଷକୁ ଅକାଳରେ ବୁଢ଼ା କରିଦିଏ । ମୋର ମାଆ ହେଉଛନ୍ତି ଆମର ସବଠାର ବଡ଼

ସହାୟ । ତାଙ୍କରି ବରାଦ ଅନୁସାରେ ମୁଁ ଚୁଡ଼ା, ବୁଟ, ଚିନାବାଦାମ ଓ ମଟର କିଣିଆଣେ । ସେ ତାକୁ ଭାଜିଭୁଜି ମସଲା ପକାଇ ଚେନାଚୂର ତିଆରି କରିଦିଅନ୍ତି । ଆମେ ଭାଇଭଉଣୀ କାଗଜ କାଟି ଅଠା ଲଗାଇ ବସ୍ତା ତିଆରି କରୁ । ମାଆଙ୍କର ହାତ ବାଜି ମୋର 'ମହାଚଣ୍ଡୀ' ଚେନାଚୂର ସିନା ଏତେ ସୁଆଦିଆ ଲାଗେ ।

ଚେନାଚୂର ବିକିବା ଛଡ଼ା ଆମର ଆଉ କେତୋଟି ବେଉସା ମଧ୍ୟ ରହିଛିଓ। ଗୋଟିଏ ହେଉଛି ଠୁଙ୍ଗା ତିଆରି କରିବା । ମୁଁ ଯାଇ ବାବୁମାନଙ୍କ ଘରୁ ପୁରୁଣା ଖବରକାଗଜ କିଣିଆଣେ । ସ୍କୁଲପିଲାମାନଙ୍କଠାରୁ ପୁରୁଣା ବହି ଓ ଖାତା କିଣିଆଣେ । ବାବୁମାନେ ତ ପୁରୁଣା ଖବରକାଗଜକୁ ନଷ୍ଟ କରି ଦେଉଥାନ୍ତେ । ତେଣୁ ଆନନ୍ଦରେ ସେମାନେ ମୋତେ କାଗଜତକ ବିକ୍ରୀ କରିଦିଅନ୍ତି । ପିଲାମାନେ ତ ସେମାନଙ୍କର ପୁରୁଣା ଖାତାପତ୍ର ବଦଳ ଦେଇ ମୋ'ଠାରୁ ଚେନାଚୂର ଖାଆନ୍ତି । ସେଥିପାଇଁ ସେମାନଙ୍କୁ କୌଣସି ପଇସା ଦେବାକୁ ପଡ଼େନାହିଁ । ମାଆ କାଗଜଗୁଡ଼ିକୁ ବଡ଼ସାନ କରି କାଟି ଦିଅନ୍ତି । ଆମେ ଭାଇଭଉଣୀ ସମସ୍ତେ ବସି ସେଥିରୁ ବଡ଼ସାନ ଠୁଙ୍ଗା ତିଆରି କରୁ । କିଛିସମୟ ପାଇଁ ଆମର ଛୋଟିଆ ଘରଟି ଠୁଙ୍ଗା ତିଆରି କରିବାର ଗୋଟିଏ ବିରାଟ କାରଖାନା ପରି ଦେଖାଯାଏ ।

ଠୁଙ୍ଗାଗୁଡ଼ିକୁ ନେଇ ମୁଁ ଅନଗୁଳ ବଜାରରେ ଥିବା ବଡ଼ ବଡ଼ ଦୋକାନମାନଙ୍କରେ ଦେଇଆସେ । ସେଥିରୁ ଆମର ବେଶ୍ ଲାଭ ହୁଏ । ଖରାଦିନେ ହାଟରେ ମୁଁ ସର୍ବତ ଦୋକାନ ଦିଏ । କାଚଗିଲାସରେ କେତେରଙ୍ଗର ମିଠା ସର୍ବତ ଦୋକାନ ଦିଏ । ପଚିଶି ପଇସା ଦେଇ କେତେ ଶୋଷିଲା ମଣିଷ ମୋ' ପାଖକୁ ଶାନ୍ତି ପାଇବାକୁ ଆସନ୍ତି । ଦିଆଲି ଉଆଁସ ପୂର୍ବରୁ ମୁଁ ବାଣ ମଧ୍ୟ ବିକ୍ରୀ କରେ । ସେଥିରୁ ମଧ୍ୟ ମୋର ଦୁଇପଇସା ଲାଭ ହୁଏ । ମୁଁ ଅନ୍ୟ ଫନ୍ଦା ଧରିବାବେଳେ ମୋର ସାନଭାଇ ଚେନାଚୂର ବିକ୍ରୀ କରେ । ଘଣ୍ଟି ଠନ୍ ଠନ୍ କରି ଠିକ୍ ମୋ'ରି ପରି ହାଟ ଭିତରେ ବୁଲୁଥାଏ ।

ଏହିପରି ଭାବରେ ଆମର ସଂସାର ଦୁଃଖେସୁଖେ ଚଳିଯାଏ । ପ୍ରତିଦିନ ଯେତିକି ଲାଭ ହୁଏ, ସେଇଥିରୁ ଆମ ପାଞ୍ଚ ପ୍ରାଣୀଙ୍କର ପେଟ ପୂରେ । କିନ୍ତୁ ସଞ୍ଚିବାକୁ ଆଉ କିଛି ରହେ ନାହିଁ । ତେଣୁ ମୁଣ୍ଡ ଉପରେ କୌଣସି ଅଧିକ ଖରଚର ବୋଝ ଆସି ପହଞ୍ଚିଲେ ଆମ ଉପରେ ବଜ୍ରପାତ ହେଲାପରି ଲାଗେ । ଗତବର୍ଷ ବାପା ଖୁବ୍ ବେମାର ପଡିଲେ, ତାଙ୍କର ଦେହହାତ ଫୁଲିଗଲା । ପେଟରୁ କାଟି ଆମକୁ ତାଙ୍କର ଔଷଧଖର୍ଚ୍ଚ ତୁଲାଇବାକୁ ପଡିଲା ।

ଆମ ଘର ଓଡିଶାରେ ନୁହେଁ, ପୂର୍ବବଙ୍ଗରେ । ସେଠାରେ ଆମର ଭଲ ଘର ଥିଲା, ଜମିବାଡି ଥିଲା, ଭାଇବନ୍ଧୁ ଓ ଆତ୍ମୀୟସ୍ୱଜନ ଥିଲେ । ଗଙ୍ଗାନଦୀର ପଠାରେ ସୁନାଫସଲ ଫଳୁଥିଲା । ସେଠାରୁ ଘରଛାଡି ଆସିଲାବେଳକୁ ମୋର ଭଲକରି ହେତୁ ହୋଇ ନ ଥିଲା । ମୋ'ର ସାନ ଭଉଣୀଟି ମାଆକୋଡରେ ଥିଲା । ଏଠାରେ ଆସି ପହଞ୍ଚିବା ପୂର୍ବରୁ ବାଟରେ ଆମେ କେତେ କଷ୍ଟ ସହିଛୁ, କେତେ ଉପବାସ ରହିଛୁ, କେତେଥର ଦସ୍ୟୁଙ୍କର କବଳରେ ପଡିଛୁ । ସେହିସବୁ କହାଣୀ ମୋର ଭଲକରି ମନେ ନାହିଁ । ଆମର ପୁରୁଣା ଘରେ ରହିଥିଲେ ଏହି ସ୍ଥାନର ପିଲାଙ୍କ ପରି ମୁଁ କ'ଣ ପାଠ ପଢୁ ନ ଥାନ୍ତି ? କିନ୍ତୁ ବର୍ତ୍ତମାନ ମୁଁ ପାଠ ପଢିଲେ ଆମର ଘର ଚଳିବ କିପରି ? ଯେତେବେଳେ ପେଟ ମଣିଷକୁ ପାଠ ପଢାଏ, ସେତେବେଳେ ପୋଥିପାଠ ପଢିବାକୁ ଆଉ ବେଳ ନ ଥାଏ ।

ବାବୁ, ଆପଣଙ୍କୁ କେତେବସ୍ତା ଚେନାଚୂର ଦେବି, କହନ୍ତୁ ।



# ଉଧାରଶୁଝା

ଫ୍ରାନସ ଦେଶର ରାଜଧାନୀ ପାରିସ୍ । ରାସ୍ତାରେ କେତେ ମଣିଷଙ୍କର ଯାତାୟାତ ଲାଗିରହିଛି । ଦୁଇକଡରେ ସୁନ୍ଦର ବଡବଡ କୋଠାମାନ । ଫୁଲବଗିଚାରେ କେତେ କିସମର ଫୁଲ ଫୁଟିଛି ।


ସଞ୍ଜ ବୁଡି ଆସୁଛି । ସହରର ଗୋଟିଏ ବଡ ହୋଟେଲରେ ସଞ୍ଜଭିଡ ଲାଗିଗଲାଣି । ଲୋକଙ୍କର ଉଠିବା ବସିବା ଶବ୍ଦରେ ଘରଟାଯାକ ସରଗରମ ହୋଇ ରହିଛି । ଇନ୍ଦ୍ରପୁରୀ ପରି ଚମତ୍କାର ଖାଇବା ଜିନିଷମାନ ସଜାଇ ହୋଇ ଥୁଆ ହୋଇଛି ।

ହଠାତ୍ ଚଞ୍ଚଳ ଚକିତ ଭାବରେ ଯୁବ ଜଣେ ହୋଟେଲ ଭିତରକୁ ପଶି ଆସିଲା । ଅନାଇଦେଲେ ବିଦେଶୀ ବୋଲି ଧରାପଡି ଯାଉଛି । ଛୋଟିଆ ମୁହଁଟି ଉପରେ ଦାଢି କେରାକ ବଡ ଅବର୍ଜିଆ ଦିଶୁଛି । ଆଖିଦୁଇଟା ମିଟିମିଟି ହୋଇ ଜଳୁଛି । ବାଳଗୁଡାକ ନୁଖୁରା । ବେଶପୋଷାକରେ ବାଗସାଗ ନାହିଁ । ସେସବୁ ଆଡକୁ ଯେପରି ଯୁବକଟିର ଆଦୌ କୌଣସି ଦୃଷ୍ଟି ନାହିଁ ।

ଖାଲି ଟେବୁଲଟିଏ ପାଖକୁ ଆସି ସେ ଚଉକି ଉପରେ ବସିପଡିଲା । ସଙ୍ଗେ ସଙ୍ଗେ ପରଷିବାବାଲା ଆସି ବରାଦ ମୁତାବକ ଖାଇବା ଜିନିଷ ଆଣି ଥାଳିରେ ଅଜାଡି ଦେଇଗଲା । ପରଷା ଶେଷ ନ ହେଉଣୁ ଯୁବକଟିର ହାତ ଚାଲିଛି- ସତେ ଯେପରି ଭୋକରେ ତା'ର ପେଟ ଜଳୁଥିଲା । ବରାଦ ପରେ ବରାଦ ଦେଇ ସେ ପେଟ ପୂରିବାଯାଏ ଖାଇବାରେ ଲାଗିଥାଏ ।

କିନ୍ତୁ ଖାଇଲେ ତ ପୁଣି ପଇସା ମଧ୍ୟ ଦେବାକୁ ପଡିବ ! ବେଳସୁଁ ଯୁବକଟି ପରଷିଲାବାଲାକୁ ଡାକି ଚୁପ୍‌ଚୁପ୍ ସତ କଥାଟି କହିଦେଲା- ''ବର୍ତ୍ତମାନ ମୋ ପାଖରେ ପଇସାଟିଏ ବି ଦେବାକୁ ନାହିଁ ରାଜନୀତିରେ ଯୋଗ ଦେଇଥିବାରୁ ସରକାର ମୋତେ ଦେଶରୁ ତଡି ଦେଇଛନ୍ତି । ଯଦି ତୁମେ ମର୍ତ୍ତମାନ ମୋ ପଇସାଟା ଦେଇଦିଅନ୍ତ, ତେବେ ପରେ ମୁଁ ନିଶ୍ଚୟ ତୁମର ଉଧାର ଶୁଝିଦିଅନ୍ତି !''

ପରଷିଲାବାଲା ଜଳଜଳ କରି ଅନାଇ ରହିଲା । ଧନୀ ସହର ପାରିସ୍‌ରେ ପଇସା ନ ଥାଇ ପୁଣି କିଏ ହୋଟେଲ୍‌ରେ ପଶିବାକୁ ସାହସ କରିବ ! ଯାହାହେଉ, ବିଶ୍ୱାସ କରି ସିଏ ଯୁବକଲାଗି ଖର୍ଚ୍ଚଟା ଦେଇଦେଲା । ଯୁବକଟିର ନାମ ହେଉଛି ଲେନିନ୍ । ତା'ର କେତେଦିନ ପରେ ଋଷିଆରେ ବିପ୍ଳବ ହେଲା । ଜାର୍ ସରକାର ତଡା ଖାଇଲେ, ଲେନିନ୍ ଦେଶର ନୂତନ ସଭାପତି ବଛାହେଲେ ।



କିନ୍ତୁ ପାରିସ୍ ସହରର ସେହି ପଇସା ଉଧାର କରିଥିବା କଥା ସେ ଭୁଲି ନ ଥାନ୍ତି । ସଙ୍ଗେ ସଙ୍ଗେ କେତେକ ଉପହାର ସହିତ ଧାର କରିଥିବା ପଇସାତକ ସେ ସେହି ପରଷିବାବାଲାର ଠିକଣାରେ ପଠାଇ ଦେଲେ । କିଛିଦିନ ପରେ ଗୋଟିଏ ଚିଠି ଓ ପଇସା ଫେରି ଆସିଲା । ଚିଠିରେ ଲେଖା ହୋଇଥିଲା, ''ଦେଶରୁ ତଡା ଖାଇଥିବା ଜଣେ ଅଭାବଗ୍ରସ୍ତ ଯୁବକୁ ମୁଁ ପଇସା ଦେଇଥିଲି । ଏଡେବଡ ଗୋଟାଏ ଦେଶର ସଭାପତିକୁ ଉଧାର ଦେଇଥିଲେ ସିନା ବର୍ତ୍ତମାନ ତାଙ୍କରିଠାରୁ ପରିଶୋଧ ନେଇଥାନ୍ତି !''

# ସାରା ପୃଥିବୀର ପିଲାଏ

ସାରା ପୃଥିବୀରେ ସବୁ ପିଲାଙ୍କର ସଂଖ୍ୟା ପଚାଶ କୋଟି,- ପୃଥିବୀରେ ବର୍ତ୍ତମାନ ମୋଟ ଯେତେ ମଣିଷ ବାସ କରୁଛନ୍ତି, ତାହାର ଚାରିଭାଗରୁ ଭାଗେ । ପଚାଶ କୋଟି ପିଲାଏ ଯଦି କେଉଁଠାରେ ଗୋଟିଏ ସ୍ଥାନରେ ଆସି ଜମା ହୁଅନ୍ତି, ତେବେ ସେଥିଲାଗି କେଡେବଡ ପଡିଆଟାଏ ଦରକାର ନ ହେବ ! ଆମ ଭାରତବର୍ଷ ଗୋଟାକରେ ଯେତେ ମଣିଷ ଅଛନ୍ତି, ପୃଥିବୀରେ ପିଲାଙ୍କର ସଂଖ୍ୟା ସେମାନଙ୍କର ସଂଖ୍ୟାଠାରୁ ଅନେକ ବେଶୀ ।

କେତେ ବର୍ଣ୍ଣ ଆଉ କେତେ ଦେଶର ପିଲା ଏ ବିରାଟ ପୃଥିବୀରେ ବାସ କରୁଛନ୍ତି ! କେଉଁଠି ସେମାନଙ୍କର ଦେହର ବର୍ଣ୍ଣ ଗୋରା, କେଉଁଠି କଳା, କେଉଁଠି ଶ୍ୟାମଳ, ଆଉ କେଉଁଠି ହଳଦିଆ ! କେଉଁଠି ସେମାନେ ଲୁଗା ପିନ୍ଧନ୍ତି, କେଉଁଠି ଲୁଙ୍ଗି ଆଉ କେଉଁଠି ପ୍ୟାଣ୍ଟ୍ । କେଉଁଠି ସେମାନେ ଭାତ ଖାଆନ୍ତି, କେଉଁଠି ରୁଟି ଆଉ କେଉଁଠି ଆଳୁ ! କେଉଁଠି ସେମାନେ ନଈ ପହଁରନ୍ତି, କେଉଁଠି ଗହନ ଅରଣ୍ୟ ଭିତରେ ବଡବଡ ଗଛରେ ଚଢି ଡାଳମାଙ୍କୁଡି ଖେଳନ୍ତି, କେଉଁଠି ପୁଣି ପିଲାଟିଦିନରୁ ହାତରେ ତୀର ଧନୁ ଧରି ସେମାନେ ଜନ୍ତୁଶିକାର କରି ବାହାରନ୍ତି । ଉତ୍ତର ଅଞ୍ଚଳର ଦେଶମାନଙ୍କରେ ଶୀତଋତୁରେ ବରଫ ପଡେ । ପିଲାମାନେ ବରଫଜୋତା ପିନ୍ଧି ତାହାରି ଉପରେ ଖେଳନ୍ତି । ଗୁଣ୍ଡାଗୁଣ୍ଡା ବରଫକୁ ହାତରେ ବୋଲୁଅ କରି ପରସ୍ପର ଉପରକୁ ପକାନ୍ତି । ପୁଣି କେଉଁଠି ବରଫ ଉପରେ ବରଫ ଲଦି ମଣିଷ ଗଢନ୍ତି ଓ ଅଙ୍ଗାର ନେଇ ସେଥିରେ ନିଶଦାଢି ତିଆରି କରିଦିଅନ୍ତି ।

ଇଉରୋପରେ ପିଲାମାନଙ୍କର ମୁଣ୍ଡର ବାଳ କହରା, ଆଖି ଚିଲା । ସେଠାରେ ଆମଦେଶ ପରି ଏତେ ଟାଣଖରା ପଡେନାହିଁ । ଶୀତଦିନରେ ପ୍ରବଳ ଶୀତ ହୁଏ । ତେଣୁ ପିଲାଟିଦିନରୁ ସେମାନେ ଭଲ କରି ପୋଷାକପତ୍ର ପିନ୍ଧନ୍ତି । ଗୋଡରେ ମୋଜା ଆଉ ଜୋତା, ହାତରେ ହାତମୋଜା, ଆଉ ମୁଣ୍ଡରେ ଟୋପି ନ ପିନ୍ଧିଲେ ସମସ୍ତେ ତ ନିର୍ବୋଧ ବୋଲି କହିବେ । ତେଣୁ

ଆଫ୍ରିକାର ଜଙ୍ଗଲରେ ତ ସୂର୍ଯ୍ୟର ଉତ୍ତାପରେ ମୁଣ୍ଡ ଫାଟିଯାଏ । ସେଠାରେ କୋଟ୍‌କମିଜ ପିନ୍ଧିଲେ ସମସ୍ତେ ତ ନିର୍ବୋଧ ବୋଲି କହିବେ । ତେଣୁ ଆଫ୍ରିକାରେ ପିଲାମାନେ ଖୋଲା ଦେହରେ ବୁଲନ୍ତି । ଯେତେବେଳେ ମନହୁଏ, ସେତେବେଳେ ଯାଇ ନଦୀ ଆକାଶତଳେ ଶୁଅନ୍ତି । ସେମାନଙ୍କର ଦେହକୁ ଖରା ମୁଗୁନିପଥର ପରି କଳା କରିଦେଇଥାଏ ।



ଏତେବଡ ପୃଥିବୀରେ ଭଳିକିଭଳି ପିଲା,- ପ୍ରତ୍ୟେକ ଆପଣା ଆପଣାର ଭାଷା କହନ୍ତି, ପ୍ରତ୍ୟେକ ଆପଣା ଦେଶର ପୋଷାକ ପିନ୍ଧନ୍ତି, ପ୍ରତ୍ୟେକ ଅଲଗା ଅଲଗା ପ୍ରକାରର ଖାଦ୍ୟ ଖାଆନ୍ତି । କିନ୍ତୁ ତଥାପି ସବୁ ପ୍ରଭେଦ ସତ୍ତ୍ୱେ ସେମାନେ ସବୁଠାରେ ସେଇ ପିଲା ।ସବୁଠାରେ ସେମାନେ ସକାଳେ ଉଠନ୍ତି, ଦିନଯାକ ପଢ଼ନ୍ତି ଆଉ ଖେଳନ୍ତି, ପୁଣି ରାତିହେଲେ ନିଦରେ ଶୋଇପଡନ୍ତି । ସବୁଠାରେ ମନ ଖୁସି ଥିଲାବେଳେ ସେମାନେ ହସନ୍ତି, ଦୁଃଖବେଳେ କାନ୍ଦନ୍ତି; ଆଦର ପାଇଲେ ବୁଝନ୍ତି, ଅନାଦର ପାଇଲେ ରୁଷନ୍ତି ଆଉ ଭାଗନ୍ତି । ମା' ପାଖରେ ସମସ୍ତେ ଅଝଟ ହୁଅନ୍ତି । ମାଷ୍ଟରଙ୍କ ପାଖରେ ସୁନାପିଲାଙ୍କ ପରି ଶାନ୍ତ ହୋଇଯାଆନ୍ତି । ସବୁଠାରେ ସେମାନେ ଦୁଷ୍ଟ, ପୁଣି ସବୁଠାରେ ସେମାନେ ଶିଷ୍ଟ ।

ଏହି ପିଲାମାନେ- ଗୋରା, କଳା, ଶ୍ୟାମଳ ଆଉ ପୀତ ସମସ୍ତେ, - ଆମ ପୃଥିବୀର ସବୁଠାରୁ ମୂଲ୍ୟବାନ ସମ୍ପଦ । ସେହିମାନେ କାଲି ପୃଥିବୀରେ ମଣିଷ ହେବେ, ପୃଥିବୀକୁ ହସାଇବେ । ସେଥିପାଇଁ ବର୍ତ୍ତମାନ ସମସ୍ତେ ପିଲାମାନେଙ୍କ ବିଷୟରେ ଚିନ୍ତା କରୁଛନ୍ତି । ପୃଥିବୀର ସବୁ ଦେଶର ପିଲାମାନେ ସଫାସୁତୁରା ଖାଇବେ, ସଫାସୁତୁରା ପିନ୍ଧିବେ ଆଉ ସଫାସୁତୁରା ଘରେ ରହିବେ, ସମସ୍ତେ ଯାଇ ସ୍କୁଲରେ ପାଠ ପଢ଼ିପାରିବେ, ତେବେଯାଇ ଆମ ସଂସାରଟି ସୁନ୍ଦର ହୋଇପାରିବ । ବର୍ତ୍ତମାନ ସବୁଦେଶରେ ସବୁ ପିଲା ପାଠ ପଢ଼ିବାର ସୁବିଧା ପାଇନାହାନ୍ତି । ସବୁ ପିଲାଏ ପାଠ ପଢ଼ିବା ପାଇଁ ଆମ ପୃଥିବୀରେ ଯଥେଷ୍ଟ ସ୍କୁଲ ନାହିଁ । ପଚାଶ କୋଟି ଭିତରୁ ପଚିଶ କୋଟି ପିଲା ତ ଆଦୌ କୌଣସି ସ୍କୁଲ ନାହିଁ । ଅବଶିଷ୍ଟ ପଚିଶ କୋଟିରୁ କୋଡ଼ିଏ କୋଟି ପିଲା ଗାଁ ଚାଟଶାଳୀରୁ ଉପରକୁ ଯାଇପାରୁ ନାହାନ୍ତି । କେବଳ ପାଞ୍ଚକୋଟି ପିଲା ଯାହା ବଡ଼ବଡ଼ ସ୍କୁଲ ଏବଂ କେଲଜକୁ ଯାଉଛନ୍ତି । ଆମରି ନିଜ ନିଜ ଗାଁଆରେ ଆମେ କେତେଜଣ ସ୍କୁଲକୁ ଆସୁଛୁ ଓ ଆମରି ବୟସର ଆହୁରି କେତେ ପିଲା ମୂର୍ଖ ହୋଇ ବୁଲୁଛନ୍ତି, ତାରି ହିସାବ କଲେ ଆମେ ସେହିକଥା ବୁଝି ପାରିବା ।

ଅନେକ ଦେଶରେ ବାପମାଆମାନେ ଏକଥା ବୁଝିଲେଣି । ତେଣୁ ଯେତେ ଟଙ୍କା ଖରଚ ହେଉ ପଛକେ, ଆଗ ସେମାନେ ଦେଶର ସବୁ ପୁଅ ଝିଅଙ୍କ ଲାଗି ପାଠ ପଢ଼ିବାର ବ୍ୟବସ୍ଥା କରୁଛନ୍ତି । ପନ୍ଦର ଷୋଳବର୍ଷଯାଏ ସବୁପିଲା ସ୍କୁଲକୁ ଆସିବାକୁ ବାଧ୍ୟଦେବେ, ସେମାନେ ସ୍କୁଲକୁ ନ ଆସିଲେ ବାପମାଆ ଦଣ୍ଡ ପାଇବେ, ଅନେକ ଦେଶରେ ଏପରି ଆଇନ୍ ମଧ୍ୟ ରହିଛି । ପିଲାଙ୍କର ପାଠ ପଢ଼ିବା ଲାଗି କେତେକ ଦେଶରେ ଅଭାବ ଥିବା ବାପ ମାଆଙ୍କୁ ସରକାରୀ ସାହାଯ୍ୟ ମଧ୍ୟ ମିଳୁଛି ।

ଯେଉଁଘରେ ପିଲାମାନେ ନାରଖାର ହୁଅନ୍ତି, ସେହିଘର କଦାପି ସୁନ୍ଦର ଦେଖାଯିବ ନାହିଁ । ପିଲାଦିନେ କୃଷ୍ଣ ରୁଷିଲେ କି କାନ୍ଦିଲେ ତାଙ୍କର ମାଆ ବାତୁଳ ପରି ହୋଇ ଯାଉଥିଲେ । ଆମ ପୃଥିବୀରୂପକ ବୃହତ୍ ପରିବାରର ପାଞ୍ଚଶହ କୋଟି ପିଲା ଯେଉଁଦିନ ଖୁସିହୋଇ ପାଠ ପଢ଼ିବେ, ଆଉ ଖୁସିହୋଇ ବଢ଼ିବେ, ସେଦିନ କେଡ଼େବଡ଼ ଆନନ୍ଦ ନ ହେବ ।

# ଶକ୍ତିମତୀ ମହିଳା

ଆଖି, କାନ, ନାକ, ଜିଭ ଓ ଚମକୁ ମନୁଷ୍ୟର ପାଞ୍ଚଗୋଟି ଇନ୍ଦ୍ରିୟ କୁହାଯାଏ । ଏହି ଇନ୍ଦ୍ରିୟ ସାହାଯ୍ୟରେ ମନୁଷ୍ୟ ଜ୍ଞାନଲାଭ କରେ । କିନ୍ତୁ ଅନେକ ବ୍ୟକ୍ତି ଦୁର୍ଭାଗ୍ୟବଶତଃ ଜନ୍ମରୁ ବା ଅନ୍ୟ କୌଣସି କାରଣରୁ ଏହି ଇନ୍ଦ୍ରିୟଗୁଡ଼ିକୁ ହରାଇ ବସନ୍ତି । ଆମ ସଂସାରରେ ଅନ୍ଧ, ବଧିର ଓ ମୂକଙ୍କର ଦୁଃଖ ଆମେ ସମସ୍ତେ ଅନୁମାନ କରିପାରିବା । କିନ୍ତୁ ବାଲ୍ୟକାଳରୁ ତିନୋଟି ଇନ୍ଦ୍ରିୟ ହରାଇ ସୁଦ୍ଧା ଆମେରିକାର ଜଣେ ମହିଳା କିପରି ପୃଥିବୀର ଜଣେ ବିଦୂଷୀ ମହିଳା ରୂପେ ପ୍ରସିଦ୍ଧ ହୋଇଛନ୍ତି, ତାହା ଭାବିଲେ ପ୍ରକୃତରେ ବଡ଼ ବିସ୍ମିତ ହେବାକୁ ହୁଏ ।

ଆମେରିକାର ଆଲବାମା ରାଜ୍ୟରେ ୧୮୭୮ ମସିହାରେ ଶ୍ରୀମତୀ ହେଲେନ୍ କେଲର୍ ଜନ୍ମଗ୍ରହଣ କରିଥିଲେ । ଜନ୍ମ ହେବାର ଦୁଇବର୍ଷ ପରେ କୌଣସି ଅସାଧ୍ୟ ରୋଗର କବଳରେ ପଡ଼ି ତାଙ୍କର କର୍ଣ୍ଣ ଓ ଚକ୍ଷୁ ନଷ୍ଟ ହୋଇ ଯାଇଥିଲା । ତାହାର ଅଳ୍ପ କେତେଦିନ ପରେ ସେ କଥା କହିବା ଶକ୍ତି ମଧ୍ୟ ହରାଇ ବସିଲେ ।

ସାତବର୍ଷ ବୟସରେ ତାଙ୍କଲାଗି ଜଣେ ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଆସିଲେ । ତାଙ୍କର ନାମ ହେଉଛି ଆନି ସଲିଭାନ୍ । ହେଲେନ୍‌ଙ୍କ ପାଠପଢ଼ିବା ଲାଗି ଆନି ଏକ ସ୍ୱତନ୍ତ୍ର ବର୍ଣ୍ଣମାଳା ତିଆରି କଲେ ଓ ତାଙ୍କର ହାତ ପାପୁଲିରେ ସ୍ପର୍ଶ ସଙ୍କେତ ଦେଇ ତାଙ୍କୁ ବିଭିନ୍ନ ଶବ୍ଦର ଉଚ୍ଚାରଣ ଶିଖାଇବାକୁ ଆରମ୍ଭ କଲେ । ହେଲେନ୍ କ୍ରମେ ଶବ୍ଦଗୁଡ଼ିକ ଶିଖିନେଲେ ଏବଂ ଶବ୍ଦ ଯୋଗକରି ବାକ୍ୟଗଠନ କରିପାରିଲେ । ୧୮୯୦ ମସିହାରେ ନିଉୟର୍କର ଜଣେ ବିଖ୍ୟାତ ଡାକ୍ତରଙ୍କ ଉଦ୍ୟମରେ ହେଲେନ୍ ବାକ୍‌ଶକ୍ତି ଫେରିପାଇଲେ । ଦଶବର୍ଷ ପରେ ବିଦ୍ୟାଳୟର ଶିକ୍ଷା ସମାପ୍ତ କରି ସେ କଲେଜରେ ନାମ ଲେଖାଇବାକୁ ଆସିଲେ ।

ଯାହାର ଆଖି ଅଛି, ସେ ସିନା ବହି ଦେଖି ପାଠ ପଢ଼ିପାରିବ, କଲମ ଧରି କାଗଜ ଉପରେ ଲେଖିପାରିବ । କିନ୍ତୁ ଆଖି ନ ଥିବା ଲୋକ ପୁଣି ପାଠ ପଢ଼ିବ କିପରି ? ସେ କିପରି କଲେଜର ଛାତ୍ର ହୋଇ ପାରିବ ? ଆମେ ଆଖିଥିବା ଲୋକେ ଯେପରି ବହି ପଢୁ ଓ ଯେଉଁ ଅକ୍ଷର ପଢୁ, ସେପରି ବହି ବା ସେପରି ଅକ୍ଷର ଅନ୍ଧମାନଙ୍କର କୌଣସି ଉପକାର କରି ପାରିବ ନାହିଁ । ସେମାନଙ୍କର ପଢ଼ିବା ଲାଗି ଅକ୍ଷର ଅଲଗା ପ୍ରକାରର ହେବା ଉଚିତ୍, ତେଣୁ ସେମାନଙ୍କର ବହି ମଧ୍ୟ ଅଲଗା ପ୍ରକାରର ।



୧୮୨୯ ମସିହାରେ ଫ୍ରାନ୍‌ସର ଲୁଇବ୍ରେଲ ଅନ୍ଧମାନଙ୍କର ଶିକ୍ଷାଲାଭ ପାଇଁ ଏହି ସ୍ୱତନ୍ତ୍ର ଅକ୍ଷରର ଉଦ୍‌ଭାବନ କରିଥିଲେ । ବ୍ରେଲ୍ ଜନ୍ମରୁ ଦୃଷ୍ଟିଶକ୍ତି ହରାଇଥିଲେ । ଆପଣାର ପଢ଼ିଶିଖିବା ପାଇଁ ସେ କୌଣସି ଏକ ନୂଆ ଉପାୟ ଖୋଜୁ ଖୋଜୁ ଏହି ନୂତନ ଅକ୍ଷର ବାହାର କଲେ । ବିଭିନ୍ନ ଅକ୍ଷର ଗୁଡ଼ିକର ସଙ୍କେତ ସ୍ୱରୂପ କାଗଜ ଉପରେ କେତେ ଗୁଡ଼ିଏ ଉଚ୍ଚ ବିନ୍ଦୁ ରହିଥିବ, ମୋଟା କାଗଜ ଉପରେ ଡାମ୍ଫଣରେ ଫୋଡ଼ି ଦେଲେ ତାହା ଠିକ୍ ଯେପରି ଉଚ୍ଚ ହୋଇ ଦେଖାଯାଏ ।

ବିଭିନ୍ନ ଅକ୍ଷରକୁ ବୁଝାଇବା ପାଇଁ ଏହି ବିନ୍ଦୁଗୁଡ଼ିକୁ ବିଭିନ୍ନ ଭାବରେ ସଜାଇ ରଖାଯାଇଥାଏ । ଅନ୍ଧମାନେ ଆଙ୍ଗୁଠିର ଟିପ ମାରି ସେହିସବୁ ଉଚ୍ଚ ବିନ୍ଦୁକୁ ଅନୁଭବ କରିପାରନ୍ତି ଓ ଏହି ଅନୁଭାବଦ୍ୱାରା ବିଭିନ୍ନ ଅକ୍ଷରର ଅନୁମାନ କରି ନିଅନ୍ତି । ବ୍ରେଲଙ୍କର ନାମ ଅନୁସାରେ ଅନ୍ଧମାନଙ୍କ ଲାଗି ରହିଥିବା ଏହି ସ୍ୱତନ୍ତ୍ର ଅକ୍ଷରମାଳାକୁ ବ୍ରେଲ ଅକ୍ଷରମାଳା କୁହାଯାଏ । ଏହି ଅକ୍ଷରମାଳା ସାହାଯ୍ୟରେ ଅନ୍ଧମାନଙ୍କ ପାଇଁ ଆଜିକାଲି କୁହାଯାଏ । ଏହି ଅକ୍ଷରମାଳା ସାହାଯ୍ୟରେ ଅନ୍ଧମାନଙ୍କ ପାଇଁ ଆଜିକାଲି ବଡ଼ ବଡ଼ ଗ୍ରନ୍ଥ ଲେଖାହେଲାଣି । ଶ୍ରୀମତୀ କେଲର୍ ଏହି ଅକ୍ଷର ସାହାଯ୍ୟରେ ପାଠ ପଢ଼ିଥିଲେ । ଏହିପରି ଭାବରେ ୧୯୦୪ ଖ୍ରୀଷ୍ଟାବ୍ଦରେ ସେ ବି.ଏ.ପାସ୍ କଲେ ।

ଆମେ ସାଧାରଣତଃ ଦେଖିବାକୁ ପାଉ ଯେ ଅନ୍ଧମାନେ ଭଲ ଗୀତ ଗାଇପାରନ୍ତି ବା ଭଲ ଶୁଣିପାରନ୍ତି । କାଲମାନେ ଭଲ ଗନ୍ଧ ବାରିପାରନ୍ତି । ତାହାର ଅର୍ଥ ହେଉଛି, କୌଣସି କାରଣରୁ ଯାହାର ଗୋଟିଏ ଇନ୍ଦ୍ରିୟ ଶକ୍ତିରହିତ ହୋଇ ପଡ଼ିଥାଏ, ତାର ଅନ୍ୟାନ୍ୟ କାର୍ଯ୍ୟକାରୀ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ସାଧାରଣତଃ ଅଧିକ ଶକ୍ତିଶାଳୀ ହୋଇଥାନ୍ତି । ହେଲେନ୍‌ଙ୍କ ଜୀବନରେ ମଧ୍ୟ ଆମେ ଠିକ୍ ସେହିକଥା ଦେଖିବାକୁ ପାଇବା । ତାଙ୍କର ସ୍ପର୍ଶଶକ୍ତି ଅତି ଅସାଧାରଣ ଥିଲା । ପତ୍ରଦେଇ ଆସୁଥିବା ପବନର କମ୍ପନ ଅନୁଭବ କରି ସେ ଗଛର ନାମ କହିଦେଇ ପାରୁଥିଲେ । ପାଦର ଗତିକୁ ଅନୁଭବ କରି ସେ ଯେକୌଣସି ଲୋକର ବୟସ କହି ଦେଉଥିଲେ ଓ ସେ ପୁରୁଷ କି ସ୍ତ୍ରୀ, ସେକଥା ଜାଣି ପାରୁଥିଲେ ।

ତାଙ୍କର ଘ୍ରାଣଶକ୍ତି ମଧ୍ୟ ସେହିପରି ଅତି ତୀକ୍ଷ୍ଣ ଥିଲା । ଗନ୍ଧ ବାରି ଦେଇ ସେ ଫଳ ଓ ଫୁଲକୁ ଚିହ୍ନି ପାରୁଥିଲେ, ଯେ କୌଣସି ପଦାର୍ଥର ଦୂରତା ଜାଣିପାରୁଥିଲେ । ଶ୍ରୀମତୀ ସଲିଭାନଙ୍କଠାରୁ ସେ ସ୍ପର୍ଶ ଓ ଘ୍ରାଣର ତାଲିମ ପାଇଥିଲେ । ଅତି ପିଲାଦିନେ ଶ୍ରୀମତୀ ସଲିଭାନ୍ ତାଙ୍କୁ ବଗିଚାକୁ ନେଇ ବିଭିନ୍ନ

ଫଳ, ଫୁଲ ଓ ପତ୍ର ସହିତ ପରିଚିତ କରାଇ ଦେଉଥିଲେ । ଆପଣାର ଘ୍ରାଣ ଓ ସ୍ପର୍ଶଶକ୍ତି ଦ୍ୱାରା ହେଲେନ୍ ଏଗୁଡ଼ିକୁ ମନେ ରଖୁଥିଲେ ।


ଦ୍ୱିତୀୟ ମହାସମର ପରେ ଶ୍ରୀମତୀ କେଲର୍ ଅନ୍ଧ ସୈନ୍ୟମାନଙ୍କର ସେବାରେ ଆପଣାକୁ ସମର୍ପଣ କରିଦେଇଥିଲେ । ତାଙ୍କର ସ୍ନେହପୂର୍ଣ୍ଣ ବ୍ୟବହାର ଓ ଆଦରଯତ୍ନ ସମସ୍ତଙ୍କୁ ମୁଗ୍ଧ କରି ଦେଉଥିଲା । ବିଭିନ୍ନ ପତ୍ରିକାକୁ ସେ ପ୍ରବନ୍ଧମାନ ଲେଖି ପଠାଉଥିଲେ । ନାନା ସ୍ଥାନରେ ଓ ନାନା ଦେଶରେ ବକ୍ତୃତା ଦେବାଲାଗି ତାଙ୍କୁ ନିମନ୍ତ୍ରଣ ଆସୁଥିଲା । ଏଥିରୁ ସେ ଯେତେ ଅର୍ଥ ଉପାର୍ଜନ କରୁଥିଲେ, ତାହା ତାଙ୍କରି ନାମରେ ଗଠିତ ହୋଇଥିବା ଏକ ଦାତବ୍ୟ ପାଣ୍ଠିକୁ ଯାଉଥିଲା । ଅନ୍ଧମାନଙ୍କର ସେବାରେ ସେହି ପାଣ୍ଠି ବ୍ୟୟିତ ହେଉଥିଲା ।

ଶ୍ରୀମତୀ କେଲର୍ ସମଗ୍ର ପୃଥିବୀକୁ ଆପଣାର କର୍ମକ୍ଷେତ୍ର ବୋଲି ମନେକରନ୍ତି । ପୃଥିବୀରେ ଯେଉଁଠି ଯେତେ ଅନ୍ଧ ଅଛନ୍ତି, ସମସ୍ତଙ୍କର ସେବା କରିବାକୁ ସେ ଜୀବନର ବ୍ରତ ବୋଲି ଗ୍ରହଣ କରିଛନ୍ତି । ତାଙ୍କର ଉଦ୍ୟମରେ ପୃଥିବୀର ବିଭିନ୍ନ ଦେଶରେ ଅନ୍ଧମାନଙ୍କ ଲାଗି ଅନେକ ବିଦ୍ୟାଳୟ, ଛାପାଖାନା ଓ କାରଖାନା ପ୍ରତିଷ୍ଠିତ ହୋଇଅଛି । ସେ ପୃଥିବୀର ଅନେକ ଦେଶ ଭ୍ରମଣ କରିଛନ୍ତି । କିଛି ବର୍ଷ ତଳେ ଭାରତ ସରକାରଙ୍କର ଅତିଥିରୂପେ ସେ ଆମ ଦେଶକୁ ଆସିଥିଲେ ।

ଶ୍ରୀମତୀ କେଲର୍ ବୃଦ୍ଧାବସ୍ଥାରେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଥାଇ ଆପଣାର ସେବାକାର୍ଯ୍ୟରେ ଲାଗିଥାନ୍ତି । ମହାନ୍ ବ୍ୟକ୍ତିମାନଙ୍କର ଜୀବନରେ ବିଶ୍ରାମର ସ୍ଥାନ କାହିଁ ? ଶ୍ରୀମତୀ କେଲର୍ ଅନେକ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କର ଆତ୍ମଜୀବନୀ 'ମୋର ଜୀବନ' ପୃଥିବୀର ବହୁ ଭାଷାକୁ ଅନୂଦିତ ହେଲାଣି । ପୃଥିବୀର ବହୁ ହତଭାଗ୍ୟ ଅନ୍ଧଙ୍କ ଲାଗି ଶ୍ରୀମତୀ କେଲର୍‌ଙ୍କର ଜୀବନ ଓ ସେବାବ୍ରତ ଅନେକ ପ୍ରେରଣା ଆଣି ଦେଇଛି ଓ ସେମାନଙ୍କର ପ୍ରାଣରେ ଅନେକ ଆଶାର ସଞ୍ଚାର କରିଛି ।

# ସେବାଗ୍ରାମ

ସେବାଗ୍ରାମରେ ଗୋଟିଏ ଛୋଟ କୁଡ଼ିଆଘର ଅଛି, ବାହାରୁ ଦେଖିଲେ ତାହାକୁ ଆମ ଦେଶର ଯେକୌଣସି ଦରିଦ୍ର ଚାଷୀର କୁଡ଼ିଆ ପରି ମନେହେବ । କିନ୍ତୁ ଆଜି ଏହି କୁଡ଼ିଆଘରଟି ସମଗ୍ର ପୃଥିବୀର ଲୋକଙ୍କ ପାଇଁ ଗୋଟିଏ ତୀର୍ଥସ୍ଥାନରେ ପରିଣତ ହୋଇଛି । ପୃଥିବୀର ଯେଉଁଠାରୁ ଯେ ଭାରତବର୍ଷ ପରିଭ୍ରମଣରେ ଆସନ୍ତି, ସେବାଗ୍ରାମ ଯାଇ ଏହି କୁଡ଼ିଆଟି ଦର୍ଶନ କରି ଆସିଲେ ସେମାନେ ଆପଣାକୁ ଭାରି ଭାଗ୍ୟବାନ୍ ମନେ କରନ୍ତି ।



ମହାତ୍ମା ଗାନ୍ଧୀ ଏହି କୁଡ଼ିଆ ଘରେ ବାସ କରୁଥିଲେ । ଆପଣାର ପସନ୍ଦ ଅନୁସାରେ ସେ ଏହି ଘରଟିକୁ ତିଆରି କରିଥିଲେ । ବାହାରୁ ଦେଖିଲେ, ଏହି ଘରଟିର ମାଟିକାନ୍ଥ ଆଉ ଖପରଛାତ ବ୍ୟତୀତ ଆଉ କିଛି ଆଖିରେ ପଡ଼େ ନାହିଁ । ବର୍ଷାର ମାଡ଼ଖାଇ କାନ୍ଥରୁ କାଳେ ମାଟି ଧୋଇ ହୋଇଯିବ, ସେଥିଲାଗି ବର୍ଷାଋତୁରେ ଖଜୁରୀପତ୍ରର ଗୋଟିଏ ତାଟି କାନ୍ଥ ଉପରେ ଝୁଲାଇ ଦିଆଯାଇଥାଏ । ଚାଲ, ଆମେ କବାଟ ଫିଟାଇ ଘରଭିତରକୁ ଯିବା । କାନ୍ଥ ଓ ଘରର ଚଟାଣ ଏପରି ନିପୁଣ ଭାବରେ ଲିପାହୋଇଛି ଯେ କେଉଁଠାରେ ଟିକିଏ ଖଣ୍ଡିଆ ଦାଗ ମଧ୍ୟ ଦେଖାଯାଉ ନାହିଁ । ଚାରିଆଡ଼ ଭାରି ପରିଷ୍କାର ପରିଚ୍ଛନ୍ନ, ସବୁ ସ୍ୱଚ୍ଛ, ସବୁ ପବିତ୍ର ! ମହାତ୍ମା ଗାନ୍ଧୀ ଥିଲାବେଳେ ଏହି ଘରେ ଯେଉଁ ପଦାର୍ଥ ଯେପରି ଥିଲା, ବର୍ତ୍ତମାନ ଠିକ୍ ସେହିପରି ରଖା ଯାଇଛି । ଧୋବ ଫରଫର ବିଛଣା, ତା' ସାଙ୍ଗକୁ ତକିଆଟିଏ ; ଆଗରେ ଫୁଟେ ଉଚ୍ଚର ଡେସ୍କଟିଏ ପଡ଼ିଛି। ସେହିଠାରେ ବସି ଗାନ୍ଧିଜୀ ଲେଖାପଢ଼ା କରୁଥିଲେ, ଅତିଥି ଓ ଆଗନ୍ତୁକମାନଙ୍କ ସହିତ କଥାବାର୍ତ୍ତା କରୁଥିଲେ । କେତେ ଦେଶୀ ବିଦେଶୀ,

ଲାଟ ବଡ଼ଲାଟ, ରାଷ୍ଟ୍ରପତି ଓ ମନ୍ତ୍ରୀ, ସହର ଓ ଗ୍ରାମର କେତେ ବଡ଼ଲୋକ ଓ ଦରିଦ୍ର ସେହିଠାରେ ଚଟେଇ ଉପରେ ବସି ଗାନ୍ଧିଜୀଙ୍କ ସହିତ କଥାବାର୍ତ୍ତା ନ ହୋଇଛନ୍ତି ! ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହୁରୁ ଆଉ ଗାଆଁର ଦରିଦ୍ର ଚାଷୀ ଉଭୟଙ୍କର ଚରଣ ବାଜି-ସେହି ଚଟେଇ ଧନ୍ୟ ହୋଇଯାଇଛି ।

ସେହିଠାରେ ଗାନ୍ଧିଜୀଙ୍କର ଚରଖା ଆଉ ଚଷମା ଥୁଆ ହୋଇଛି । ଖଣ୍ଡେ ଦୂରକୁ କବାଟ ପାଖରେ ତାଙ୍କର କଠାଉ ଓ ବାଡ଼ି ରହିଛି ! ସେହି କଠାଉ ପିନ୍ଧି ଓ ସେହି ବାଡ଼ିଟି ଧରି ଗାନ୍ଧିଜୀ ପ୍ରତିଦିନ ପ୍ରାତଃଭ୍ରମଣରେ ଯାଉଥିଲେ । ଘର ପିଣ୍ଡାରେ ଖଣ୍ଡିଏ ଦଉଡ଼ିଆ ଖଟ ପଡ଼ିଛି,- ପ୍ରତିଦିନ ରାତିରେ ସେଇଟିକୁ ଦୁଆରେ ପକାଇ ସେ ଶୋଉଥିଲେ । ଖୋଲା ଆକାଶ ତଳେ ଶୋଇବାକୁ ଗାନ୍ଧିଜୀଙ୍କୁ ଭାରି ଭଲ ଲାଗୁଥିଲା ।

କାନ୍ଥରେ ହାତଲେଖା ନୀତିବାକ୍ୟଟିଏ ଝୁଲୁଛି । ସେଥିରେ କୁହାଯାଇଛି, -ଯେତେବେଳ ତୁମେ ଠିକ୍ କଥା କହୁଛ, ସେତେବେଳେ ତୁମର ରାଗିବାରେ କୌଣସି ଆବଶ୍ୟକତା ନାହିଁ । କିନ୍ତୁ ତୁମେ ଯଦି ଭୁଲ୍ କଥା କହୁଥାଅ, ତେବେ ରାଗିବାର କୌଣସି ଅଧିକାର ତୁମର ନାହିଁ । ଅର୍ଥାତ୍ କୌଣସି ଅବସ୍ଥାରେ ବା କୌଣସି ସମୟରେ ମଧ୍ୟ ରାଗିବା ଉଚିତ ନୁହେଁ ।

ଗାନ୍ଧିଜୀଙ୍କର କୁଟୀର ଚାରିପାଖରେ ଥିବା ବିଚିତ୍ର ବଗିଚାଟି ମଧ୍ୟ ଠିକ୍ ଗାନ୍ଧୀଜୀଙ୍କପରି ଦୃଷ୍ଟି ଆକର୍ଷଣ କରେ । ବଗିଚାରେ ମାତ୍ର ଛଅଟି ଗଛ; ଆମ୍ବ, ବଉଳ, ନିମ୍ବ, ଆଛୁ, ଗଙ୍ଗଶିଉଳି ଆଉ ଅଶ୍ୱତ୍ଥ,-ପ୍ରତ୍ୟେକରୁ ଗୋଟିଏ ଗୋଟିଏ । ଏଗୁଡ଼ିକୁ ଗାନ୍ଧିଜୀ ଆପଣା ହାତରେ ରୋପଣ କରିଅଛନ୍ତି । ପ୍ରତି ସପ୍ତାହରେ ଶୁକ୍ରବାର ଦିନ ସନ୍ଧ୍ୟାରେ କୁଡ଼ିଆର ହତା ବାହାରେ ଥିବା ଅଗଣାରେ ପ୍ରାର୍ଥନା ହୁଏ । ଗାନ୍ଧିଜୀ ଥିଲାବେଳ ପ୍ରାର୍ଥନା ସମୟରେ ଯେଉଁଠାରେ ବସୁଥିଲେ, ସେହିଠାରେ ତାଙ୍କର ପୁରୁଣା ଆସନଟି ବିଛାଇ ଦିଆଯାଏ । ସେହି ଆସନ ଉପରେ ସତେଅବା ଏବେ ମଧ୍ୟ ଗାନ୍ଧିଜୀ ପ୍ରାର୍ଥନାରେ ବସିଛନ୍ତି, ପ୍ରାର୍ଥନା କରୁଥିବା ଲୋକମାନେ ଆପଣା ହୃଦୟରେ ସେହିପରି ଅନୁଭବ କରନ୍ତି ।

ଗମ୍ଭୀର ହୋଇ ଘରଭିତରୁ ବାହାରି ଆସିବାବେଳେ ମନେହୁଏ, ଇଛା କରିଥିଲେ ଗାନ୍ଧିଜୀ କେଡ଼େବଡ଼ ପ୍ରାସାଦରେ ରହିପାରି ନ ଥାନ୍ତେ ! କିନ୍ତୁ ଏହି କୁଡ଼ିଆଟିକୁ ହିଁ ସେ ଆପଣାର ପବିତ୍ର ବାସସ୍ଥାନ ରୂପେ ମନୋନୀତ କରିଥିଲେ ।

# ନିର୍ଭୟତା

ସ୍କୁଲରୁ ଛୁଟିହୋଇ ଘରକୁ ଆସିବାବେଳେ ଯେଉଁଠାରେ ରାସ୍ତାଟା କଣେଇହୋଇ ଯାଇଛି, ସେଠାରେ ଠିକ୍ କଣ ମୁଣ୍ଡରେ ଗୋଟାଏ ଝଙ୍କାଳିଆ ବାଉଁଶଗଛ ଅଛି । ସେହିଠାରେ ପ୍ରଦୀପ୍ତକୁ ଭାରି ଡ଼ରମାଡ଼େ । ଏକା ହେଉ ବା ସାଙ୍ଗସାଥୀରେ ହେଉ, ସେବାଟରେ ପାଦ ଦେବାମାତ୍ରକେ ତା'ର ଦେହ ଶୀତେଇ ଉଠେ । ଚୁପ୍ କରି ତଳକୁ ଅନାଇ ଅନାଇ ସେ ବାଟ ଚାଲିଆସେ, ଗଛଟା ପାରିହୋଇ ଯିବାପରେ ନିଶ୍ୱାସ ମାରେ । ସେହି ବାଉଁଶ ଗଛଟା ବିଷୟରେ ସେ ମାଆଠାରୁ କେତେ ଗପ ଶୁଣିଛି । ରାତିରେ ପାଠ ପଢୁଥିବାବେଳେ ହଠାତ୍ ଯଦି ସେହି କଥାଟା ମନେ ପଡ଼ିଗଲା, ତେବେ ପ୍ରଦୀପ୍ତ ଆଉ ପାଠ ପଢ଼ିପାରେ ନାହିଁ । ସେ ଗୋଟାସୁଦ୍ଧା ବାଉଁଶଗଛ କେବଳ ତା'ର ଶରୀରଟା ଯାହା ଖଟ ଉପରେ ବହି ପାଖରେ ବସିଥାଏ । ଚାଲିଯାଏ ସେଠାକୁ ଯାଇ ସେ ଦେଖେ, ଯେପରି ପ୍ରବଳ ତୋଫାନରେ ଗଛଟାଯାକ ଭାଙ୍ଗିପଡୁଛି । ତା'ର କଳ୍ପନା ଭିତରେ ଥିବା ସବୁ ଭୂତ ଆଉ ସଇତାନଯାକ ସେଠାରେ ରୁଣ୍ଡ ହୋଇଛନ୍ତି । କିଏ ତାଡ଼କା ପରି ଦେଖାଯାଉଛି ତ କିଏ ମାରୀଚ ପରି ଦେଖାଯାଉଛି । ପ୍ରଦୀପ୍ତର ଆଖି ବୁଜି ହୋଇଯାଏ । ସେ ଏକାଡ଼ିଆଁକେ ପୁଣି ତା'ର ଶରୀର ଭିତରକୁ ଫେରିଆସେ ।

ସେହିପରି ଆଉଗୋଟିଏ ଜାଗା ହେଉଛି ତାଙ୍କ ଗାଆଁର ନଈକୂଳରେ ଥିବା କୋଚିଲା ଗଛଟା । ପିଲାଦିନରୁ ପ୍ରଦୀପ୍ତ କୋଚିଲାଗଣ୍ଡ ବିଷୟରେ ସବୁ କାହାଣୀ ସଂଗ୍ରହ କରି ରଖିଛି । ସେଠାରେ ନଈ ଭିତରେ ଯେଉଁ ଗଣ୍ଡ, ସେଥିରେ ଅକାତକାତ ପାଣି, ଥରେ ତାହା ଭିତରେ ପଡ଼ିଗଲେ ଆଉ ବାହାରିବା ଅସମ୍ଭବ । କୂଳରେ ଥିବା କୋଚିଲା ଗଛରେ ଗୋଟାଏ କିଏ ଅଛି ଯେ ସେ ମଣିଷକୁ ଗଣ୍ଡରେ ମାଡ଼ିଦିଏ । ଏହି ବିପଦକଥା କହି ମାଆମାନେ ଅନେକ ଦୁଷ୍ଟ ପିଲାଙ୍କୁ ନଦୀକୁ ଗାଧୋଇବାକୁ ଛାଡ଼ନ୍ତି ନାହିଁ । ପ୍ରଦୀପ୍ତ ଅବଶ୍ୟ ନଦୀକୁ ଗାଧୋଇବାକୁ ଯାଏ, କିନ୍ତୁ ସେହି ଗଣ୍ଡରେ ପଡ଼ିଯିବା ଭୟରେ ସେ କେବେହେଲେ ପହଁରେ ନାହିଁ । କେତେବେଳେ ଯେ କ'ଣ ହୋଇଯିବ, ସେକଥା କିଏ କହିପାରିବ ?

ଏହିସବୁ ଡ଼ରକଥା କହିବସିଲେ ରାତି ପାହିଯିବ । ବୁଢ଼ୀ ଅସୁରୁଣୀ ଗପଠାରୁ ଆରମ୍ଭ କରି ଗହୀର ବିଲରେ ଜହ୍ନରାତିରେ ବାଗୁଡ଼ି ଖେଳୁଥିବା ସଇତାନମାନଙ୍କର ଗପ ଆମେ ସମସ୍ତେ ଶୁଣିଥିବା । କେଉଁଠି ପୋଖରୀ ହୁଡ଼ାରେ ଗୋଟାଏ ଗୋଟିକିଆ ବରଗଛ ଥିବ ତ ସେଠାରେ ନିଶ୍ଚୟ ଗୋଟାଏ ବ୍ରହ୍ମରାକ୍ଷସ ବସାକରି ରହିଥିବ । କେଉଁଠି ଜୋର କୂଳରେ କିଆବୁଦା ଧାଡ଼ିଏ ଥିବ ତ ସେଠାରେ ଭୂତମାନେ ରାତିରେ ବାଟୋଇମାନଙ୍କର ବାଟ ନିଶ୍ଚୟ ଜଗୁଥିବେ । ଆଉ ଗାଆଁ ମଶାଣି କଥା ଛାଡ଼ିଦିଅ । ସେଇଟା ତ ଡ଼ାଆଣୀ ଆଉ ଚିରୁକୁଣୀମାନଙ୍କର ରୋଷେଇଶାଳ । ଦରପୋଡ଼ା ମାଉଁସ ଆଉ ହାଡ଼କୁ କୁଆଡ଼େ ସେମାନେ କଡ଼ମଡ଼ କରି ଖାଉଥାନ୍ତି । କେଉଁ ପିଲା କାନ୍ଦେ କି କେଉଁ ପିଲା ଦୁଷ୍ଟାମି କରେ ତ ମାଆ ତାକୁ ବାଇଆର ନାଆଁ କହି ସୁନାପୁଅ କରିଦିଅନ୍ତି ।

ଆମେ ଏହିପରି ଭାବରେ ଡ଼ରିବାକୁ ଆରମ୍ଭ କରୁ । ଏକୁଟିଆ ଗଲାବେଳକୁ ଆମର ଖାଲି ଭୂତ କଥା ମନେପଡ଼େ । ଅନ୍ଧାର ଘରକୁ ଯିବାକୁ ଆମର ଆଦୌ ସାହସ ହୁଏନାହିଁ । ସାଙ୍ଗରେ କେହି ନ ଶୋଇଲେ ଆମକୁ ନିଦ ହୁଏ ନାହିଁ । ରାତିରେ କେତେ ପ୍ରକାରର ସ୍ୱପ୍ନ ଦେଖି ଆମେ ଚମକିଉଠୁ ।



ଏହିସବୁ ତ ହେଉଛି କଳ୍ପନା ଭିତରର ଭୟ । କିନ୍ତୁ କଳ୍ପନା ଭିତରେ ଭୟ କରୁ କରୁ ଧୀରେ ଧୀରେ ଆମେ ସତ ମଣିଷକୁ ଭୟ କରି ଶିଖୁ । ଆମର ବାପାମାଆଙ୍କୁ ଭୟ କରୁ, ଆମଠାରୁ ଅଧିକ ବଳୁଆ

ସାଙ୍ଗସାଥୀମାନଙ୍କୁ ଭୟ କରୁ, ଶେଷକୁ ଆମଠାରୁ ବୟସରେ ଅଧିକ ଓ ଆମର ଅପରିଚିତ ଆମେ ସମସ୍ତଙ୍କୁ ଭୟ କରିବାକୁ ଆରମ୍ଭ କରୁ। ପାଠ ପଢ଼ିବା ଆରମ୍ଭ ହୋଇଗଲେ ଆମେ ଆମଠାରୁ ଅଧିକ ପାଠୁଆ ଆମର ଶିକ୍ଷକଙ୍କୁ ଭୟ କରୁ। ତାଙ୍କରି ମଧ୍ୟଦେଇ ପାଠପ୍ରତି ମଧ୍ୟ ଆମର ଭାରି ଭୟ ଆସିଯାଏ, ପରୀକ୍ଷାକୁ ଭୟ ଲାଗେ ଓ ପରୀକ୍ଷା ଶେଷ ହେବା ମାତ୍ରକେ ଆମେ ପଢ଼ିଥିବା ପାଠକୁ ଭୁଲିପକାଉ। କେବେ କୌଣସି ଭୁଲ କାମ କରିପକାଇଲେ ଧରାପଡ଼ିଯିବା ଭୟରେ ଆମେ କେତେ ପ୍ରକାରର ମିଛକଥା କହି ଶିଖୁ, ଅନ୍ୟର ମୁଣ୍ଡରେ ଦୋଷଟାକୁ ଲଦିଦେଇ ଆମେ ଲୁଚି ପଳାଉ। ସାହସର ସହିତ ନିଜେ କରିଥିବା ଭୁଲ୍‌କୁ ସ୍ୱୀକାର କରିବା ଓ ତାହାର ସଂଶୋଧନ କରିବା ଆମ ପକ୍ଷରେ ଆଉ ସମ୍ଭବ ହୋଇପାରେ ନାହିଁ।

ଯାହା ଭିତରେ ଭୟର ମଞ୍ଜି ପୋତାହୋଇ ରହିଛି, ତାକୁ ସଂସାରଯାକ ସମସ୍ତେ ଭୟ ଦେଖାଇବାକୁ ଆସନ୍ତି। ଆଗୁଆ ହୋଇ ସେ କେବେ କୌଣସି କାମ କରିପାରେ ନାହିଁ। ଆପଣା ଉପରେ ତା'ର ଆଦୌ ବିଶ୍ୱାସ ନ ଥାଏ। ସେଥିପାଇଁ ସେ କୌଣସି କାମରୁ ସନ୍ତୋଷଲାଭ କରିପାରେ ନାହିଁ।

ଡରିବା ହେଉଛି ଛାତ୍ରଜୀବନର ମହାପାପ, ନିର୍ଭୟତା ସବୁଠାରୁ ବଡ଼ ଗୁଣ। ପିଲାଟିଦିନରୁ ଯିଏ ନିର୍ଭୟ ହେବାକୁ ଶିଖେ, ସେ ସବୁବେଳେ ଆଗେଇବାରେ ଲାଗିଥାଏ। ସେ ଖୁସିହୋଇ ନୂଆ ନୂଆ କଥା ଶିଖେ, ନୂଆ ନୂଆ ମଣିଷଙ୍କ ସହିତ ପରିଚିତ ହୁଏ। ଶିକ୍ଷକଙ୍କଠାରୁ ସେ ଅନେକ ପାଠ ଓ ଅନେକ ଶିକ୍ଷା ଆଦାୟ କରେ। ଭୟାଳୁ ପିଲା ବାଟରେ ପଥର ନ ଥିଲେ ଝୁଣ୍ଟେ, କବାଟ ଖୋଲା ଥିଲେ ମଧ୍ୟ ସେ ଘର ଭିତରେ ଲୁଚି ରହିଥାଏ। ନିର୍ଭୟ ପିଲା ହିଁ ବଡ଼ ହୋଇ ସଂସାରରେ ବଡ଼ ମଣିଷ ହୁଏ, ସଂସାରରେ ସେ ଅନେକ ଗୁଣ ଅର୍ଜନ କରେ, ସଂସାରର ଅନେକ ଉପକାର କରେ। ନିର୍ଭୟ ପିଲା ତା'ର ବାପମାଆଙ୍କୁ ଭଲ ପାଏ, ସାଙ୍ଗସାଥୀଙ୍କୁ ଭଲପାଏ, ଶିକ୍ଷକଙ୍କୁ ଭଲ ପାଏ ଓ ତେଣୁ ତା'ର ପାଠକୁ ଭଲପାଏ। ସଂସାରରେ ସମସ୍ତେ ନିର୍ଭୟ ପିଲାକୁ ହିଁ ଭଲ ପାଆନ୍ତି।